# ବନ୍ଧୁର ସାହାଯ୍ୟ

ନରସିଂହ ଓ ନବକିଶୋର ଏକା ବସାରେ ରହି, ଏକା କଲେଜରୁ ଓକାଲତି ପାଶ୍ କଲେ ଓ ଏକା କୋର୍ଟରେ ଆସି ଏକ ସମୟରେ ପ୍ରାକ୍‌ଟିସ୍ ଆରମ୍ଭ କରିଦେଲେ । କିନ୍ତୁ ସବୁ ଏକ ଥାଇ ମଧ ଦୁହିଁଙ୍କର ଭାଗ୍ୟ ଫରକ ପଡ଼ିଗଲା । ନବର ମାମୁଁ ଥିଲେ ସେଠାକାର ବଡ଼ ଓକିଲ; ତେଣୁ ନବ କଚିରୀରେ ଗୋଡ଼ ଦେଲାମାତ୍ରେ ମାମୁଁଙ୍କ କାନ୍ଧରେ ଭରା ଦେଇ ଠିଆ ହୋଇଗଲା । ଆଉ ବିଚରା ନରସିଂହ କୁଆଡ଼େ ସାହାଭରସା ନପାଇ କିଛି ଗୋଟାଏ ଆଶ୍ରା ଅନିଶାରେ ହାଇଁ ପାଇଁ ହେବାକୁ ଲାଗିଲା ।

ଅନେକ ଦିନର ସାଙ୍ଗ ଦିହେଁ । ପାଠ ପଢ଼ିଲାବେଳେ ଏପରି ଭାବ ଯେ, ତା ଭିତରେ ପାଣି ଗଳେନାହିଁ । ବେଉସାରେ ପଶି ମଧ ସେ ଭାବ ତୁଟିନାହିଁ । ଆଉ ଓକିଲମାନେ ଏ ଦୁହିଁଙ୍କୁ ବଗଲାବଗଲୀ ବୋଲି ଟାହୁଲି କରନ୍ତି । ସତରେ 'ନବ' ବୋଲି କହିଦେଲେ ନରସିଂହ 'ପ୍ରେମେ ଗଲେଯାୟ', ଆଉ 'ନରସିଂହ' ବୋଲି କହିଲେ ନବ 'ଆହ୍ଲାଦେ ଆଠଖାନା' । ଦିନେ ମୁହଁ ଚୁହାଁଚୁହିଁ ନ ହେଲେ କାହାରିକି ଭାତ ରୁଚେନାହିଁ ।

ନବ ମାମୁଁ ବସାରେ ଥାଏ ବୋଲି ନରସିଂହ ଟିକିଏ କମ୍ ଯାଏ । ମାତ୍ର ନରସିଂହର ନିଆରା ବସା ଥିବାରୁ ନବ ସେଠିକି ଦିନରେ ଦି' ଓଳି ଆସେ । ଚାହାଠାରୁ ଜଳଖିଆଯାକେ ଅଧିକାଂଶ ସମୟରେ ସେଇଠି ଚଳେ ।

ଏଇମିତି ଗଲା ଚାଲି କିଛି ଦିନ । ନରସିଂହ ଦେଖେ, ନବ ପକେଟ ଝମ୍ ଝମ୍ କରି ଚାଲିଯାଏ; ଆଉ ସେ ବିଚରା ମୁହଁ ଶୁଖେଇ ପକେଟ ଅଣ୍ଡାଳି ବସାକୁ ଫେରେ । ନରସିଂହ ମନରେ ହୁଏ ଦୁଃଖ ।

ନରସିଂହ ଦିନେ ଦିନେ ତା' ଦୁଃଖ ନବକୁ କହେ । ନବ ତାକୁ ଦିଏ ଆଶ୍ୱାସନା - କହେ, "ଆରେ, ଓକାଲତି ଦାରୀବେଉସା । ଆସ୍ତେ ଆସ୍ତେ ହବ ନା ! ସବୁର୍ କର୍ ।" ନରସିଂହ କହେ, "ଦାରୀବେଉସା ଯେ ସତ; ମାତ୍ର ବୟସ ଗଡ଼ିଗଲେ ପୁଣି କଡ଼ାକୁ- ।"

ଦୁଇ ବନ୍ଧୁ ହସନ୍ତି

ନବର ବେଉସା ବଢ଼ିବାକୁ ଲାଗିଲା । ମାମୁଁ ତାକୁ ପ୍ରାୟ ନିଜ କେସ୍‌ରେ ତଳିଆ କରି ରଖନ୍ତି । ଦି' ପଇସା ପାଏ ।

ରୋଜଗାର ବଢ଼ିବା ସାଙ୍ଗେ ସାଙ୍ଗେ ନବର ନରସିଂହ ବସାକୁ ଆସିବା କମି କମି ଆସିଲା । ଦିନରେ ଦୁଇ ଥରଟା ଥରେ ହେଲା; କିଛିଦିନ ପରେ ମୂଳରୁ ବନ୍ଦ । ତା' ପରେ ହପ୍ତାଓ୍ୱାରି, ତା' ପରେ ବେଠିକଣା ।

ନରସିଂହ ଦିନେ ଦିନେ ନବକୁ ଅପେକ୍ଷା କରି ଚାହିଁଥାଏ । ବେଳେ ବେଳେ ତା' ବସାକୁ ଯାଏ । ଗଲେ ଦେଖେ, ସେ ମାମୁଁଙ୍କ ପାଖରେ ବସିଛି ବା ନିଜ ଅଫିସରେ ସାକ୍ଷୀ ତାଲିମ କରୁଛି ।

ନବ କହେ, "ଭାରି କାମ । ଖାଇବାକୁ, ହଗିବାକୁ ବି ଫୁରସତ ନାହିଁ । ମକ୍କେଲ-ମକଦ୍ଦମା-ଦିକ୍ଦାର କରି ମାରିଲେ ।"

ନରସିଂହ କହିଲା, "ରାତିରେ ଆସିଲେ ହୁଅନ୍ତା ।" ନବ ଉତ୍ତର ଦେଲା, "ରାତିରେ କ' ଣ ଶ-ଛାଡୁଛନ୍ତି ! ଫେରେଇଦେଲେ ନିସ୍ତାର ନାହିଁ । ସଲାମି ଥୋଇଦେଇ ଗୋଡ଼ତଳେ ପଡ଼ିଯିବେ ବେହିପେ ।"

ବନ୍ଧୁର ଉନ୍ନତିରେ ନରସିଂହ ଖୁସି ହୁଏ । ଭାବେ, ମୋର ବି ଦିନେ ଏଇପରି ହୋଇପାରେ ତ ! ଦିଲ୍‌ଟା ତା' ର ଖୁସ୍ ହୋଇଯାଏ ।

ଦିନେ ନବ କହିଲା, "ବୁଝିଲୁ ନରସିଂହ, ତୁ ଆଉ ଯେତେବେଳେ ସେତେବେଳେ ମୋ ବସାକୁ ଆସିବୁ ନାଇଁ । କାମରେ ହେଳା ହେଉଛି ବୋଲି ମାମୁଁ ଟିକିଏ ବିରକ୍ତ ହଉଛନ୍ତି, ବୁଝିଲୁ ? ମାନେ, ମୁହଁରେ କିଛି କହୁନାହାନ୍ତି; କିନ୍ତୁ ଭାବଟାରୁ ବେଶ୍ ବୁଝାପଡୁଛି ।"

ନରସିଂହ କହିଲା, "ହଉ, ତେବେ ତୁ ଯେତେବେଳେ ଫୁରୁସତ୍ ପାଇବୁ ମୋ ବସାକୁ ଚାଲିଆସିବୁ ।"

ନବ କହିଲା, "ଆରେ, ମୁଁ କ' ଣ ଆସୁନଥାନ୍ତି କି - ଏକା ସେଇ ଫୁରୁସତ୍‌ଟା ପାଉଚି କଉଁଠି ? ଯେତେବେଳେ ବା ଟିକିଏ ମିଳିଲା, ବହିପଢ଼ା, ରିପୋର୍ଟାର ଦେଖା । ସେଗୁଡ଼ାକ ନ ପଢ଼ିଲେ କାମ କରି ହୁଏନା, ଜାଣିଲୁ । ତୋର ଏଇକ୍ଷଣି ନ ପଢ଼ିଲେ ଚଳେ; ମାତ୍ର ବେଶି ବେଶି ରକମାରି କେସ୍ ପଡ଼ନ୍ତା କି ତୁଇ ଫେର୍ ଦେଖନ୍ତୁ ।"

ନରସିଂହ ଚୁପ୍ ହୋଇ ଶୁଣେ । ଭାବେ - ମୋର କ' ଣ ସେ ଦିନ ଆସିବ ?

ଦିନେ ନବ କହିଲା, "ନରସିଂହ, ତୁ ମତେ ଟିକିଏ help କର - ମୁଁ ଆଉ ପାରୁନାହିଁ, ଜାଣିଲୁ ? ଏତେ କେସ୍ ନେଇ ଜଣେ ଲୋକ ସମାଳିପାରିବା ମୁସ୍କିଲ । ମଣିଷର brain ତ - energy ଆଉ କେତେ ?"

ନରସିଂହ ନବ ମୁହଁକୁ ବଲବଲ କରି ଚାହିଁଲା । ନବ କହିଲା, "ଜାଣିଲୁ, ମୋର ରାତିରେ ନିଦ ହେଉନାହିଁ ଭାବି ଭାବି । ବଡ଼ ବଡ଼ ପୁରୁଣା ଓକିଲଙ୍କ ସାଙ୍ଗରେ ତାଳ ଦବାକୁ ପଡୁଛି କି' ନା ! ମୁଁ ଭାବୁଛି, ଗୋଟାଏ ଗୋଟାଏ case ତୋତେ ଦେଇଦେବି । ଅବଶ୍ୟ କିଛି relief ମିଳିବ ତ । ଆଉ ତୋର ବି ଉପକାର ।"

ନରସିଂହର ଛାତି ଭିତର ନାଚିଉଠିଲା । ବନ୍ଧୁର ଉପକାର ହେବ - ଆପଣାର ବି ଲାଭ ।

କଚିରୀରେ ନବ ସାଙ୍ଗରେ କଥା କହିବାର ଫୁରୁସତ୍ ନଥାଏ । ସେ ସବୁବେଳେ engaged । ବାର ଲାଇବ୍ରେରୀକୁ ଆସେନାହିଁ । କେତେବେଳେ ଆଗରେ ହେଇଗଲେ ସେ ବାରେଇ ଚାଲିଯାଏ । ଆଉ ଭେଟ ହେଇଗଲେ କହେ, "ଟିକିଏ ରହ, ବଡ଼ busy ଏଇକ୍ଷଣି । ତୋ କଥା ମନେ ଅଛି ମୋର ।"

ନରସିଂହ ଚାଲିଆସେ । ମୋ କଥା ନବର ନିଶ୍ଚେ ମନେ ଅଛି । ଥିବନାହିଁ ନା !

କଚିରୀରେ କଥା କହିବାର ସୁବିଧା ନ ହବାରୁ ନରସିଂହ ଦିନେ ଦିନେ ନବ ବସାକୁ ଚାଲିଯାଏ । ନବ ତାକୁ ତା' ର କେସ୍ କଥା କୁହେ । ଭାରି ଅଡୁଆ କେସ୍ । ବଡ଼ debatable law point ସେଥିରେ । କୁହେ, ସେ କିମିତି ପଦେ କଥା

କହିଦେଇ ତା’ ର ବିପକ୍ଷ ଓକିଲକୁ ଦବେଇଦେଲା ସେଦିନ । କିମିତି ସେ ଗୋଟାଏ ସୂକ୍ଷ୍ମ ପଏଣ୍ଟ ବାହାର କରିଦବାରୁ ଗୋଟାଏ କେସ୍‌ରେ ମାମୁଁ ବାଟ ପାଇଗଲେ । ଇତ୍ୟାଦି ।

ନରସିଂହ ଗୁମ୍ ହୋଇ ଶୁଣେ । ଉଠିବାବେଳକୁ ନବ କହେ- “ଓହୋ, ନରସିଂହ, ତୋ କଥା ମୋର ଖୁବ୍ ମନେ ଅଛି ରେ । କିଛି ଭାବିବୁ ନାହିଁ ।”

ନରସିଂହ ଶୁଣି ଖୁସି ହୋଇ ଆସେ ଚାଲି ।

X X X

ଦିନେ କଚେରିରେ ଦୁଇ ବନ୍ଧୁ ଭେଟାଭେଟି ହୋଇଗଲେ । ନବ କହିଲା, “ଦେଖ୍, ତୁ ମତେ ଆଉ ଇମିତି poke କରିବୁନାହିଁ । ମୋ କାମ ମୁଁ କରୁଛି ।”

ନରସିଂହ ପ୍ରତିବାଦ କରି କହିଲା, “ମୁଁ poke କଲି ପୁଣି କେତେବେଳେ ?”

“ଆରେ ନାଇଁମ- ମାନେ - ଧରନା - ମାନେ - ତୁ ନ କଲେ ବି ମୋର ପୁଣି କର୍ତ୍ତବ୍ୟ ଅଛି ତ - ମାନେ - କନସିଏନ୍‌ସ (Conscience) ଅଛି ତ !”

“କ’ ଣ ଯେ କହୁଛୁ - ମୁଁ କିଛି ବୁଝି ପାରୁନାହିଁ ।”

“ଏଇ ସିଧା କଥାଟା ବୁଝୁ ନାହୁଁ! ଓକିଲ ହବୁ କିମିତ- ମାନେ successful lawyer ?”

“ହଉ, ଏବେ ଖୋଲି କହ ଭଲା ।”

“ମାନେ - ମୁଁ ଗୋଟାଏ କ୍ଲାଏଣ୍ଟ (client) ଠିକ୍ କରିଛି – ତୋ’ରି ପାଇ - ବୁଝିଲୁ ! ପ୍ରେମବାବୁଙ୍କୁ ଚିହ୍ନିଛୁ ନା ?”

“କେଉଁ ପ୍ରେମବାବୁ ? କି କେସ୍ ?”

“ଯାଃ, ମତେ ଆଗ ଶେଷ କରିବାକୁ ଦେ । ହଁ, ସେ ଯିବେ ତୋ ପାଖକୁ ଗୋଟାଏ ବଡ଼ କେସ୍ ନେଇ - ମାନେ, ମୁଁ ପଠେଇବି - ସବୁ କାଗଜପତ୍ର ନେଇକରି ଯିବେ । ଖୁବ୍ ବଡ଼ କେସ୍, ବୁଝିଲୁ ? ହଜାର ହଜାର ମାମ୍‌ଲତ ।”

“ହଉ, ବେଶ୍ ।”

“ବେଶ୍ ନୁହେଁ, ଖାଲି ଲୋକଟାକୁ ପଟେଇବା ଦରକାର । ଏସବୁ fact, ମାନେ, ଓକିଲାତି ପେଞ୍ଚ । ତୁ ସେଥିରେ novice କିନା-”

ନରସିଂହର ଛାତି ଆନନ୍ଦ ବିସ୍ମୟରେ ଧୁଡୁଧୁଡୁ ହେଲାଣି । ସେ କହିଲା - “କ’ ଣ କରିବାକୁ ହେବ କହିଥା ।”

“କରିବୁ ଗୋଟାଏ କ’ ଣ ! ଦି’ ଟା ସିଗାରେଟ୍, ଦି’ ଖଣ୍ଡ ପାନ - ଆଉ ଅଧିକାରେ ଅଧିକା ହୋଇପାରିଲେ କପେ ଚା’ ।” ବାସ୍ । ଟିକିଏ ଆପ୍ୟାୟନ କରିବା କଥା - ଆଉ କ’ ଣ ! ଆମ ବେଉସା ତ ହେଲା - ବିସିନୀଙ୍କ ମନ ନବା ।”

ଏତିକି କହି ନବ ଚାଲିଯିବାକୁ ବାହାରିଲା । ନରସିଂହ ପଚାରିଲା, “କେବେ ?”

“ଓହୋ, ଭୁଲି ଯାଇଥିଲି । ଏଇ ଆସନ୍ତା ରବିବାର ସକାଳ ୮ଟା -positively - ମୁଁ ବି ପାରିବି ତ ସାଙ୍ଗରେ ଯିବି । ନୂଆବୋଉଙ୍କୁ କହିଦେଇଥିବୁ । ପ୍ରେମବାବୁ ଭାରି ଭଲ ଲୋକ । ଦେଖିବୁ ବଳେ ।”

ଏତକ କହୁଁ କହୁଁ ନବ ଚାଲିଗଲା । ନରସିଂହ ହିସାବ କରି ଦେଖିଲା-ଆଜି ଶୁକ୍ରବାର - କାଲି ଶନିବାର - ପହରି ଦିନ ।

X X X

ନରସିଂହ ସେଇଦିନ ଯାଇ ସ୍ତ୍ରୀ' କୁ ସବୁ କଥା କହିଲା । ନବ ତା' ର କିମିତିକା ସାଙ୍ଗ - ତା' ପାଇଁ କେତେ ଭାବେ - ଇତ୍ୟାଦି ହଜାର ଥର କହିଥିଲେ ବି ପୁଣି ଆଜି ଆହୁରି ଥରେ ବଖାଣିଦେଲା । ରାତିରେ ସ୍ୱାମୀ-ସ୍ତ୍ରୀ ବସି ବିଚାର କଲେ - ଖାଲି ଚା' ତ ଦେଇ ହବ ନାହିଁ, କିଛି ତା ସାଙ୍ଗରେ ଜଳଖିଆ ବି ଦରକାର ।

ତାଲିକା ତିଆରି ହେଇଗଲା ।

ନରସିଂହ କହିଲା - ବିସକୁଟ ଆଉ ଅଣ୍ଡା ଆମଲେଟ୍ । ତା ସ୍ତ୍ରୀ କହିଲା - କିଛି ହାଲୁଆ ଆଉ କଚୁରି ବି । ନରସିଂହ କହିଲା - ଆଉ କିଛି ଫଳ ।

ଶନିବାର ଦିନ ଦି' ପ୍ରାଣୀଙ୍କୁ ନିଦ ନାହିଁ । ଆୟୋଜନ, ପ୍ରକରଣ, ପରିବେଷଣ ବିଷୟରେ ପରାମର୍ଶ, ରିହର୍ସାଲ ଇତ୍ୟାଦିରେ ରାତି ପାହିଲା । ବଡ଼ି ଭୋରରୁ ଉଠି ନରସିଂହ ଅଫିସ ଘର ଝଡ଼ାଝଡ଼ି, ଆସବାବପତ୍ର ସଜାଡ଼ିସଜଡ଼ିରେ ଲାଗିଲା ତ, ତା ସ୍ତ୍ରୀ ବିଚାରୀ ହାଣ୍ଡିଶାଳରେ ପଶି ଜିନିଷ ତିଆରିରେ ଲାଗିଲା ।

ନରସିଂହ ନିଜେ ଗାଧୋଇପଡ଼ି ବାସି ଲୁଗାଜାମା ପିନ୍ଧି ସଜ ହୋଇ ଅପେକ୍ଷା କରିବାକୁ ଲାଗିଲା ଦାଣ୍ଡଘରେ । ମଝିରେ ମଝିରେ ଚାଲିଯାଇ ଭିତରେ ଟିକିଏ ତଇନାତ କରି ଆସୁଥାଏ ଆଗ୍ରହାତିଶଯ୍ୟରେ ।

ଥରେ ଦାଣ୍ଡକବାଟ ଦେଇ ଘରଆଡ଼କୁ ଯାଇଛି, ବାହାରେ କିଏ ଡାକିଲା - ପୂଜାରୀ ପୂଜାରୀ ।

ନରସିଂହ ଧାଇଁଆସି କବାଟ ଖୋଲିଦେଲା । ଜଣେ ଅତି ପରିଷ୍କାର ପରିଚ୍ଛନ୍ନ ପୋଷାକ ପିନ୍ଧା ଭଦ୍ରଲୋକ - ହାତରେ ଚମଡ଼ା ବ୍ୟାଗ୍ – ସହାସ୍ୟ ବଦନରେ ଦୁଇ ହାତ ଟେକି କହିଲେ, 'ନମସ୍କାର' । ନରସିଂହ ମଧ୍ୟ ପ୍ରତିନମସ୍କାର କରି ଦେଖିଲା ଯେ, ଲୋକଟି ଭଦ୍ରତା, ଶିଷ୍ଟତା ଓ ନମ୍ରତାର ଅବତାର । ତା' ପରେ ହଜାର ହଜାର ଟଙ୍କାର ମାମଲତ ଘେନି ଆସିଛି । ନିଶ୍ଚୟ ବଡ଼ ଲୋକ ।

"ଏଇ ତ ନରସିଂହବାବୁଙ୍କ ବସା ?"

"ଆଜ୍ଞା, ହଁ ।"

"ଆପଣଙ୍କୁ ଯଦି ମୁଁ ନରସିଂହ ବାବୁ ବୋଲି ମନେକରେଁ, ମୋର ଭୁଲ ହେବନାହିଁ ତ ?"

"ଆପଣ ବୋଧହୁଏ ପ୍ରେମବାବୁ ?"

"ଆଜ୍ଞା, ଠିକ୍ ଭାବିଛନ୍ତି - ମୋର ନାମ ଶ୍ରୀ ପ୍ରେମଚାନ୍ଦ-"

ନରସିଂହ ଆନନ୍ଦଗଦ୍‌ଗଦ ଭାବରେ ତାଙ୍କୁ କୁଣ୍ଢାଇପକାଇ ଘରଭିତରକୁ ନେଇଗଲା ।

ପାନ, ସିଗାରେଟ୍ ପରେ ଆଳାପାଚାର ଚାଲିଲା । ତା' ପରେ ଚା' ପାନର ପାଳି । ସ୍ୱୟଂ ଗୃହିଣୀ ବାସନିକ ତଥା ବାଚନିକ ସର୍ବପ୍ରକାର 'ନିକ' - ବିମଣ୍ଡିତା ହୋଇ ଅତିଥି ପରିଚର୍ଯ୍ୟା ସାରିଲେ । ପ୍ରେମବାବୁ ମଧ୍ୟ ଏହି ଅପ୍ରତ୍ୟାଶିତ ସେବାସମ୍ବର୍ଦ୍ଧନାରେ ବିପୁଳ ପୁଲକ ଅନୁଭବ କରି ପ୍ରେମରେ ବିଗଳିତ ହୋଇଗଲେ ।

ତା' ପରେ ଏଣୁତେଣୁ ପାଞ୍ଚ ପଦ ଦଶ ପଦ ହେଉଁ ହେଉଁ ଆସି ବେଳ ବଢ଼ିବାକୁ ଲାଗିଲା । ପ୍ରେମବାବୁ ହାତ ଘଡ଼ିକୁ ଚାହିଁଦେଇ ମଧୁର ହସଟିଏ ହସି କହିଲେ - "ଏବେ କାମଟା ଆରମ୍ଭ ହେଉ, କ' ଣ କହୁଛନ୍ତି ?"

ନରସିଂହ ଚମକିପଡ଼ିଲା ପରି କହିଉଠିଲା, "ହଁ, କାମ ଆଣନ୍ତୁ । ଆପଣଙ୍କର କାଗଜପତ୍ର ଦେଖିନିଏଁ ।"

ପ୍ରେମ-ଦେଖିବାର ବିଶେଷ କିଛି ନାହିଁ । ଆପଣ ବା କଉଁ କଥା ନ ଜାଣନ୍ତି ? ମୁଁ ଠିକ୍‌ଠାକ୍ କରି ଆଣିଛି । ଆପଣଙ୍କୁ କିଛି କଷ୍ଟ କରିବାକୁ ହବନାହିଁ - ଖାଲି ଦସ୍ତଖତଟା କରିଦିଅନ୍ତୁ - ଆଉ.... ।

ଏହା କହି କେତେଗୁଡ଼ିଏ ଫରମ କାଗଜ ବଢ଼ାଇଦେଲେ ।

ନରସିଂହ ସାଗ୍ରହେ ସେଗୁଡ଼ାକ ନେଇ ଦେଖିଲା - ଲାଇଫ୍ ଇନ୍‌ସ୍ୟୁରେନ୍‌ସ୍ ପ୍ରପୋଜାଲ ଫର୍ମ ।

ପ୍ରେମଚାନ୍ଦ ମଧୁରେ ହସି ଭାଷିଲେ - ଦେଖିବେ ଆଉ କ' ଣ ? 'ହିନ୍ଦୁସ୍ଥାନ' ର credit ଆପଣଙ୍କୁ କ' ଣ ଅଜଣା ଅଛି ?'

ନରସିଂହ ତ ଆବାକ୍ ! ଇଏ କ' ଣ ! ଆଫା ଆଫା କରି କହିଲା, "ଆପଣଙ୍କ କେସ୍ ?"

ପ୍ରେମ - ଏଇ କେସ୍ ତ ! କୋଡ଼ିଏ ହଜାର ଜଏଂଟ ପଲିସି କରିବେ ନା ?

ନରସିଂହ - ଆପଣ ଖାଲି ଏଇଥିପାଇଁ ଆସିଛନ୍ତି ?

ପ୍ରେମ - ଆଉ କ' ଣ ? ନବବାବୁ ନିଜେ କହିବୋଲି ପଠେଇଦେଲେ ।

ରାଗରେ, ଅବଶୋଷରେ, ଅପମାନରେ ନରସିଂହର ତାଳୁଠାରୁ ତଳିପାଯାଏ ଝିମି ଝିମି ହୋଇଉଠିଲା । ସେ ନିଜକୁ ସମ୍ଭାଳିନେଇ କୌଣସିମତେ କହିପାରିଲା, "ଆପଣ ଯାଆନ୍ତୁ ।"

ପ୍ରେମବାବୁ ତା' ର ଚେହେରାର ଭାବ ଦେଖି ଆଉ କିଛି କହିବାକୁ ଭରସିଲେ ନାହିଁ । କାଗଜପତ୍ର ବ୍ୟାଗରେ ପୂରେଇ ଉଠିପଡ଼ିଲେ । ଯିବାବେଳେ କେବଳ କହିଲେ, "ନମସ୍କାର" ।

ନରସିଂହ ଶୁଣିପାରିଲା କି ନାହିଁ, ପ୍ରତିନମସ୍କାରଟା କରିବାକୁ ବି ଭୁଲିଗଲା ।